# NATIONAL NEWS BULLETIN (ODIA)

**5 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦିଲ୍ଲୀରେ ୧୨ହଜାର ୬୦୦ କୋଟିରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।
- ଭାରତ ଓ ବାଂଲାଦେଶରେ ବନ୍ଦୀ ଜୀବନ ବିତାଉଥିବା ମତ୍ସ୍ୟଜୀବୀଙ୍କୁ ପ୍ରତ୍ୟର୍ପଣ ପାଇଁ ଉଭୟ ଦେଶ ସହମତ ।
- ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୯ଜଣଙ୍କୁ ପ୍ରେସିଡେନ୍ସିଆଲ ମେଡାଲ ଅଫ୍ ଫ୍ରିଡମ ପ୍ରଦାନ କଲା ଆମେରିକା ।
- ମେଣ୍ଟ ଆଲୋଚନା ସମ୍ଭବ ନହେଲେ ଅଷ୍ଟ୍ରିଆର ଚାନ୍ସଲର କାର୍ଲ ନେହାମ୍ମର ତାଙ୍କ ପଦରୁ ଇସ୍ତଫା ଦେବାକୁ ଘୋଷଣା ।

ଏବଂ

- ସିଡ୍‌ନୀ ଟେଷ୍ଟରେ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ବିଜୟଲାଭ କରିବା ସହ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ କ୍ରିକେଟ ସିରିଜ୍‌କୁ ୩-୧ରେ ଅକ୍ତିଆର କରିଛି ।

# ପିଏମ୍-ଦିଲ୍ଲୀ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିଲ୍ଲୀରେ ୧୨ହଜାର ୨୦୦କୋଟିରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ପ୍ରଧାନମନ୍ତ୍ରୀ ସାହିବାବାଦରୁ ନିଉ ଅଶୋକନଗର ମଧ୍ୟରେ ଦିଲ୍ଲୀ-ଗାଜିଆବାଦ-ମିରଟ ନମୋ ଭାରତ କରିଡରର ୧୩ କିଲୋମିଟରର ଦୀର୍ଘ ରାସ୍ତାକୁ ଉଦ୍‌ଘାଟନ କରିଛନ୍ତି । ସାହିବାବାଦ ଆର୍.ଆର୍.ଟି.ଏସ୍ ଷ୍ଟେସନରୁ ନୂଆ ଅଶୋକନଗର ଆର୍‌ଆର୍‌ଟିଏସ୍ ଷ୍ଟେସନ ପର୍ଯ୍ୟନ୍ତ ମଧ୍ୟ ପ୍ରଧାନମନ୍ତ୍ରୀ ନମୋ ଭାରତ ଟ୍ରେନ୍ ଯାତ୍ରା କରିଛନ୍ତି । ଏହି ଅବସରରେ ସେ ସ୍କୁଲ ପିଲାଙ୍କ ସହ ମତ ବିନିମୟ କରିଛନ୍ତି । ଏହାବ୍ୟତୀତ ଶ୍ରୀ ମୋଦୀ ଦିଲ୍ଲୀ ମେଟ୍ରୋ ଫେଜ୍-୪ର କନକପୁରୀରୁ କ୍ରିଷ୍ଣା ପାର୍କ ମଧ୍ୟରେ ୧୨ଶହ କୋଟି ଟଙ୍କା ମୂଲ୍ୟର ୨ ଦଶମିକ ୮ କିଲୋମିଟରର ରାସ୍ତାକୁ ଉଦ୍‌ଘାଟନ କରିଛନ୍ତି । ଏହାଦ୍ୱାରା ପଶ୍ଚିମ ଦିଲ୍ଲୀର କ୍ରିଷ୍ଣାପାର୍କ, ବିକାଶପୁରୀ, କନକପୁରୀ ଏବଂ ଅନ୍ୟାନ୍ୟ ଅଞ୍ଚଳର ଅଧିବାସୀମାନେ ଉପକୃତ ହେବେ । ପ୍ରଧାନମନ୍ତ୍ରୀ ଦିଲ୍ଲୀ ମେଟ୍ରୋ ଫେଜ୍-୪ର ୨୬ ଦଶମିକ ୫ କିଲୋମିଟରର ରିଥାଲା-କୁଣ୍ଡଳି ସେକ୍ସନର ଶିଳାନ୍ୟାସ କରିଛନ୍ତି । ଏଥିପାଇଁ ୬ହଜାର ୨୩୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି କରିଡର ଦିଲ୍ଲୀର ରିଥାଲାକୁ ହରିୟାଣାର ନାଥୁପୁରକୁ ସଂଯୋଗ କରିବ । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରଧାନମନ୍ତ୍ରୀ ରୋହିଣିଠାରେ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପରିଷଦର ନୂତନ ଅତ୍ୟାଧୁନିକ କୋଠାର ଶିଳାନ୍ୟାସ କରିଛନ୍ତି ।

# ରେଲୱେ-ମହାକୁମ୍ଭ

ମହାକୁମ୍ଭ ମେଳା ପାଇଁ ତୀର୍ଥଯାତ୍ରୀମାନଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ୧୩ହଜାର ଟ୍ରେନ୍ ଚଳାଚଳ କରିବ । ଏଥିରେ ୧୦ହଜାର ନିୟମିତ ଟ୍ରେନ୍ ଓ ୩ ହଜାର ସ୍ୱତନ୍ତ୍ର ଟ୍ରେନ୍ ରହିଛି । ଏହି ଟ୍ରେନ୍‌ଗୁଡ଼ିକ ୫୦ଦିନ ଧରି ଚାଲିବ ଏବଂ ମେଳା ଆରମ୍ଭ ହେବା ପୂର୍ବରୁ ଓ ସରିବା ପରେ ୩ଦିନ ଚଳାଇବାକୁ ନିଷ୍ପତ୍ତି ହୋଇଛି । ପ୍ରୟାଗରାଜରେ ହେବାକୁ ଥିବା ମହାକୁମ୍ଭ ମେଳାରେ ପ୍ରାୟ ୪୦କୋଟି ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି । ଭିଡ ପରିଚାଳନା ପାଇଁ ରେଳବାଇ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଉତ୍ତରକେନ୍ଦ୍ରୀୟ ରେଳବାଇ ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ଶଶିକାନ୍ତ ତ୍ରିପାଠୀ କହିଛନ୍ତି ତୀର୍ଥଯାତ୍ରୀଙ୍କୁ ସହଜ ଏବଂ ସୁରକ୍ଷିତ ଯାତ୍ରା ଅନୁଭୂତି ଦେବାପାଇଁ ରେଳବାଇ ଯୋଜନା ପ୍ରସ୍ତୁତ କରିଛି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ, ପରିବହନ ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ ସରକାର ଓ ରେଳବାଇ ମିଳିତଭାବେ କାର୍ଯ୍ୟ କରୁଛନ୍ତି ।

ପ୍ରୟାଗରାଜର ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଂଗମ ସ୍ଥଳରେ ଚଳିତମାସ ୧୩ ତାରିଖରୁ ଫେବୃୟାରୀ ୨୬ ତାରିଖ ପର୍ଯ୍ୟନ୍ତ ମହାକୁମ୍ଭ ମେଳା ଅନୁଷ୍ଠିତ ହେବ ।

# ଇଣ୍ଡିଆ-ବାଂଲାଦେଶ ଫିସରମ୍ୟାନ

ଭାରତ ଓ ବାଂଲାଦେଶର ଜେଲ୍ ଗୁଡ଼ିକରେ ବନ୍ଦୀ ଜୀବନ ବିତାଉଥିବା ଉଭୟ ଦେଶର ନାଗରିକଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ଦୁଇଦେଶ ସହମତି

ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଉଭୟ ଦେଶର ୧୮୫ଜଣ ବନ୍ଦୀଙ୍କୁ ଖଲାସ କରାଯିବ । ବାଂଲାଦେଶ ୯୫ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଏବଂ ଭାରତ ୯୦ଜଣ ବାଂଲଦେଶୀ ମତ୍ସ୍ୟଜୀବୀଙ୍କୁ ପ୍ରତ୍ୟର୍ପଣ କରିବେ । ଏହାଛଡା ଦୁଇଦେଶ ପାଖରେ ଜବତ ହୋଇ ରହିଥିବା ମାଛଧରା ଡଙ୍ଗାଗୁଡ଼ିକୁ ମଧ୍ୟ ଫେରସ୍ତ ପାଇଁ ପଦକ୍ଷେପ ନିଆଯାଇଛି । ଏହି ବୁଝାମଣାସ୍ୱରୂପ ଗତ ଗୁରୁବାର ଦିନ ବାଂଲାଦେଶ ୯୫ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ସେଠାକାର ତଟରକ୍ଷୀ ବାହିନୀଙ୍କୁ ହସ୍ତାନ୍ତର କରିଛି । ସୂଚନାଯୋଗ୍ୟ ଏହି ମତ୍ସ୍ୟଜୀବୀମାନେ ବାଂଲାଦେଶ ଜେଲ୍‌ରେ ଗତ ୨ ମାସରୁ ଅଧିକ ଦିନ ବନ୍ଦୀ ରହିଥିଲେ ।

## ୟୁଏସ୍-ମେଡାଲ ଅଫ୍ ଫ୍ରିଡମ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଆମେରିକା ତଥା ବିଶ୍ୱର ଅନ୍ୟାନ୍ୟ ଦେଶର ୧୯ଜଣ ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବାରୁ 'ପ୍ରେସିଡେନ୍ସିଆଲ ମେଡାଲ ଅଫ୍ ଫ୍ରିଡମ' ପ୍ରଦାନ କରିଛନ୍ତି । ଏହି ପଦକ ପାଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆମେରିକାର ପୂର୍ବତନ ପ୍ରଥମ ମହିଳା  ହିଲାରୀ କ୍ଲିଣ୍ଟନ, ଫୁଟବଲ ତାରକା ଲିଓ ନେଲ୍ ମେସି, ବାସ୍କେଟବଲ କିମ୍ବଦନ୍ତୀ ଏର୍‌ଭିନ୍ ମ୍ୟାଜିକ ଜନ୍‌ସନ, ଫେସନ ଡିଜାଇନର ରାଲ୍ଫ ଲରେନ୍ ଏବଂ ନିବେଶକ ଜର୍ଜ୍ ସୋରସ ଅନ୍ତର୍ଭୁକ୍ତ ।

ସୂଚନାଯୋଗ୍ୟ ପ୍ରେସିଡେନ୍ସିଆଲ ମେଡାଲ ଅଫ୍ ଫ୍ରିଡମ ହେଉଛି ଆମେରିକାର ସର୍ବୋଚ୍ଚ ବେସାମରିକ ସମ୍ମାନ ।  ବିଶ୍ୱର ସମୃଦ୍ଧି, ମୂଲ୍ୟବୋଧ ଏବଂ ବିଶ୍ୱଶାନ୍ତି ତଥା ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ।

## ଅଷ୍ଟ୍ରିଆନ୍ ଚାନ୍ସଲର ଟୁ ରିଜାଇନ

ଅଷ୍ଟ୍ରିଆର ଚାନ୍ସଲର କାର୍ଲ ନେହାମ୍ମର କହିଛନ୍ତି ତାଙ୍କ ଦଳ ପିପୁଲ୍ସ ପାର୍ଟି ଏବଂ ସୋସିଆଲ ଡେମୋକ୍ରାଟ୍ସ ଦଳ ମଧ୍ୟରେ ମେଣ୍ଟ ଆଲୋଚନା ସମ୍ଭବ ନହେଲେ ଭବିଷ୍ୟତରେ ସେ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିବେ । ଏପରିକି ସେ ପିପୁଲ୍ସ ପାର୍ଟିର ନେତା ପଦରୁ ଇସ୍ତଫା ଦେବେ ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନେହାମ୍ମର କହିଛନ୍ତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତଭେଦ ହେବା କାରଣରୁ ତାଙ୍କ ଦଳ ନୂଆ ସରକାର ଗଠନ ପାଇଁ ସୋସିଆଲ ଡେମୋକ୍ରାଟିକ ପାର୍ଟି ସହ ଆଲୋଚନା କରୁଛି । ତିନିଦଳୀୟ ସରକାର ଗଠନ ପାଇଁ ଏମ୍‌ଇଓଏସ୍ ଦଳ ମେଣ୍ଟ ଆଲୋଚନାରୁ ଓହରି ଯିବାର ମାତ୍ର ଗୋଟିଏ ଦିନ ପରେ ନେହାମ୍ମର ଏହି ଘୋଷଣା କରିଛନ୍ତି । ଏମ୍‌ଇଓଏସ୍ ମେଣ୍ଟରୁ ପ୍ରତ୍ୟାହାର କରିନେବା ପରେ ପିପୁଲ୍ସ ପାର୍ଟି ଏବଂ ସୋସିଆଲ ଡେମୋକ୍ରାଟିକ ପାର୍ଟି ଗତ ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୁଇଦଳୀୟ ମେଣ୍ଟ ନେଇ ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟ ଗତ ନଭେମ୍ବର ମଧ୍ୟଭାଗରୁ ଅଷ୍ଟ୍ରିଆ ରାଷ୍ଟ୍ରପତି ଆଲେକଜାଣ୍ଡାର ଭାନ୍ ଡର୍ ବେଲେନ ସରକାର ଗଠନ ପାଇଁ ପିପୁଲ୍ସ ପାର୍ଟିକୁ ଆମନ୍ତ୍ରଣ କରିବା ପରେ ମେଣ୍ଟ ନେଇ ତିନିଦଳଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।

## ମାଣ୍ଡବୀୟ-ସଣ୍ଡେଜ୍ ଅନ୍ ସାଇକଲ

ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଗୁଜୁରାଟର ପୋର୍‌ବନ୍ଦରର ସଂସଦୀୟ କ୍ଷେତ୍ରଠାରେ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଅଧୀନସ୍ଥ

'ସଣ୍ଡେଜ ଅନ୍ ସାଇକଲ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ଏଥିରେ ଡକ୍ଟର ମାଣ୍ଡବ୍ୟଙ୍କ ସହ ସ୍ଥାନୀୟ ଉପ୍‌ଲେଟା ଅଞ୍ଚଳର ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ । ସଣ୍ଡେଜ ଅନ୍ ସାଇକଲ ଅଭିଯାନ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ସାଇକ୍ଲିଙ୍ଗ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ମାଇଁ ଭାରତର ମିଳିତ ସହଯୋଗରେ ଗତମାସଠାରୁ ଆରମ୍ଭ କରାଯାଇଥିଲା । ସାଇକଲ ଚାଳନା ମାଧ୍ୟମରେ ସୁସ୍ଥ ଏବଂ ଫୁର୍ତ୍ତିଯୁକ୍ତ ରହିବା ପାଇଁ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି ଅଭିଯାନ ପ୍ରତି ରବିବାର ଆୟୋଜିତ ହେଉଛି ।

## ସିଜି-ମାଓ କିଲ୍‌ଡ

ଛତିଶଗଡରେ ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟରେ ୪ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାରେ ଜଣେ ସୁରକ୍ଷାକର୍ମୀ ମଧ୍ୟ ସହିଦ ହୋଇଥିବା ଜଣାପଡିଛି । ସୁରକ୍ଷା କର୍ମୀମାନେ ମାଓବାଦୀଙ୍କ ମୃତ ଶରୀରକୁ ଉଦ୍ଧାର କରିଛନ୍ତି । ସେଠାରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା, ଏକେ-୪୭ ରାଇଫଲ ଏବଂ ଅନ୍ୟାନ୍ୟ ସ୍ୱୟଂକ୍ରିୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ସେଠାରେ ତଲାସୀ ଅଭିଯାନକୁ ଜୋର୍‌ଦାର କରାଯାଇଛି ।

## ଜେକେ-କିଲ୍‌ଡ

ଜାମ୍ମୁ କାଶ୍ମୀରର କିସ୍ତୱାର ଜିଲ୍ଲାର ପଦର ତହସିଲ ଅନ୍ତର୍ଗତ ଥିବା ଗ୍ୱାର ମାସୁ ଅଞ୍ଚଳରେ ଏକ ଯାତ୍ରୀବାହୀ ଗାଡ଼ି ରାସ୍ତା ତଳକୁ ଖସିପଡି ନଦୀରେ ପଡିଯିବାରୁ ୪ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୨ଜଣ ନିଖୋଜ ଥିବା ଜଣାପଡ଼ିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି । କେନ୍ଦ୍ର

ମନ୍ତ୍ରୀ ତଥା ସ୍ଥାନୀୟ ସାଂସଦ ଡକ୍ଟର ଜିତେନ୍ଦ୍ର ସିଂହ ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି କିସ୍ତୱାରର ଡେପୁଟୀ କମିଶନରଙ୍କ ସହ ସ୍ଥିତି ନେଇ ସେ ଯୋଗାଯୋଗରେ ଅଛନ୍ତି ।

---

# କ୍ରିକେଟ

ସିଡ୍‌ନୀ ଟେଷ୍ଟରେ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ବିଜୟୀ ହୋଇଛି । ଏଥିସହ ବର୍ଡର ଗାଭାସ୍କର ଟ୍ରଫି ଟେଷ୍ଟ କ୍ରିକେଟ ସିରିଜ୍‌କୁ ୩-୧ରେ ବିଜୟୀ ହୋଇଛି । ଭାରତ ପକ୍ଷରୁ ଧାର୍ଯ୍ୟ ୧୬୨ରନ୍‌ର ବିଜୟଲକ୍ଷ୍ୟକୁ ଅଷ୍ଟ୍ରେଲିଆ ତା'ର ଦ୍ୱିତୀୟ ଇନିଂସ୍‌ରେ ୪ ୱିକେଟ୍ ବିନିମୟରେ ସଂଗ୍ରହ କରିଛି । ଦଳପକ୍ଷରୁ ଅପରାଜିତ ଭାବେ ଟ୍ରାଭିସ ହେଡ୍ ୩୪ ଏବଂ ୱେବଷ୍ଟର ଅଣଚାଳିଶ ରନ୍ ସଂଗ୍ରହ କରିଛନ୍ତି । ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଏବଂ ମହମ୍ମଦ ସିରାଜ ଗୋଟିଏ ୱିକେଟ୍ ଅକ୍ତିଆର କରିଛନ୍ତି । ଏହି ବିଜୟ ସହ ଅଷ୍ଟ୍ରେଲିଆ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍‌ର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଆସନ୍ତା ଜୁନ୍ ମାସରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକାକୁ ଭେଟିବ । ବୋଲରଙ୍କୁ ସୁହାଉଥିବା ସିଡ୍‌ନୀ ପିଚ୍‌ରେ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ମାତ୍ର ୩ ଦିନରେ ଶେଷ ହୋଇଛି । ଭାରତ ଆଜି ଦ୍ୱିତୀୟ ଇନିଂସ୍‌ର ବ୍ୟାଟିଂ ଗତକାଲିର ସ୍କୋର ୬ ୱିକେଟ୍‌ରେ ୧୪୧ ରନ୍‌ରୁ ଆରମ୍ଭ କରିଥିଲା । ତେବେ ଆଉ ୧୬ରନ୍ ଯୋଗକରି ସମସ୍ତ ୱିକେଟ୍ ବିନିମୟରେ ୧୫୭ରନ୍ କରିବାକୁ ସକ୍ଷମ ହୋଇଥିଲା । ଏଥିସହ ଅଷ୍ଟ୍ରେଲିଆ ସମ୍ମୁଖରେ ୧୬୨ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ସ୍କଟ୍ ବୋଲାଣ୍ଡ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଯଶପ୍ରୀତ ବୁମ୍‌ରା ମ୍ୟାନ୍ ଅଫ୍ ଦି ସିରିଜ୍

ବିବେଚିତ ହୋଇଛନ୍ତି । ସୂଚନାଯୋଗ୍ୟ ଭାରତ ପ୍ରଥମ ଇନିଂସ୍‌ରେ ୧୮୫ରନ୍ ସଂଗ୍ରହ କରିଥିବାବେଳେ ଅଷ୍ଟ୍ରେଲିଆ ୧୮୧ରନ୍ ସଂଗ୍ରହ କରିଥିଲା ।

## କିଶନ ରେଡ୍ଡୀ

କୋଇଲା ଓ ଖଣି ମନ୍ତ୍ରୀ ତଥା ତେଲେଙ୍ଗାନା ବିଜେପି ସଭାପତି ଜି. କିଶନ ରେଡ୍ଡୀ ମାତୃଭାଷାର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ଏହାର ମର୍ଯ୍ୟାଦା ରକ୍ଷା ପାଇଁ ନୂତନ ଶିକ୍ଷାନୀତିରେ ଆବଶ୍ୟକ ପରିବର୍ତ୍ତନ କରାଯାଇଛି । ଶ୍ରୀ ରେଡ୍ଡୀ ହାଇଦ୍ରାବାଦରେ ଅନୁଷ୍ଠିତ ବିଶ୍ୱ ତେଲୁଗୁ ମହାସଂଘ ମହା ଅଧିବେଶନକୁ ସମ୍ବୋଧନ କରି ସେ କହିଛନ୍ତି ମାତୃଭାଷାର ସୁରକ୍ଷା ଏବଂ ପ୍ରଚାରପ୍ରସାର ଦିଗରେ ସମସ୍ତେ ଉଦ୍ୟମ କରିବା ଉଚିତ୍ । ପ୍ରାଥମିକ ଶିକ୍ଷା, ଶାସନ ବ୍ୟବସ୍ଥା ଏବଂ ବିଭିନ୍ନ କାର୍ଯ୍ୟାଳୟରେ ତେଲୁଗୁ ଭାଷା ପ୍ରଚଳନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।